କୌରବ ପାଣ୍ଡବାଦିଙ୍କର ଅସ୍ତ୍ରପରୀକ୍ଷା
ଅଗସ୍ତିଙ୍କି ପଚାରିଲେ ବଇବସୁତ ମନୁ
ୟେଥି ଉତ୍ତାରୁ କେବଣ କୃତ କଲେ ଭାରଦ୍ୱାଦସଙ୍କ ତନୁ । ୧ ।
ପୁଣ କେତେହେଂକ ଦିନ ବହି ଯାଆନ୍ତେ
ହୃଦଗତେ ବିଚାର କଲେ ଶ୍ରୟା ଦେବୀ ସୁତେ । ୨ ।
ଗୁପତ ପରୀକ୍ଷ ଆମ୍ଭେ କରାଇଲୁ ନିରୁତେ
ୟେବେ ବିଦ୍ୟା ପରୀକ୍ଷ କରିବା ଦେଖନ୍ତୁ ସମସ୍ତେ । ୩ ।
ତହୁଂ ଶିଷ୍ୟନ୍ତ ଘେନି ଗୁରୁ ବେଗେ ଚଳି ଗଲେ
ରାଜାର ସିଂଘଦ୍ୱାରେ ଯାଇଣ ପ୍ରବେଶ ହୋଇଲେ । ୪ ।
ଧୃତରାଷ୍ଟ କୃପ ଆଚାର୍ଯ୍ୟ ଯେ ସୋମଦତ୍ତ
ବାଲହିକ ବିଦୁର ଅଛନ୍ତି ସମସ୍ତ । ୫ ।
ଭୀଷ୍ମକଇ ଦ୍ରୋଣେ ବୋଇଲେ ପୁଣ ବାକ୍ୟନ୍ତ
ଶସ୍ତ୍ର ଶାସ୍ତ୍ରତ ପାଇଲେ ପୁତ୍ରେ ବହୁତ । ୬ ।
ଆମ୍ଭର ବିଦ୍ୟା ତୁମ୍ଭର ଦେଖିବାର ଉଚିତ
ଶୁଣିଣ ସନମତ କଲେକ ବହୁତ । ୭ ।
ଭୀଷ୍ମେ ବୋଇଲେ ଯେ ବିଦୁରଙ୍କୁ ଚାହିଂ
ଦ୍ରୋଣେ ବୋଇଲେ ବିଦ୍ୟା ପରୀକ୍ଷ ପାଇଂ । ୮ ।
ସଭା ସମ୍ଭର ହୋ କର ତୁମ୍ଭେ ଯାଇ
ଦାଣ୍ଡେ ଘୋଷଣ ଦିଆଅ ଚାରଗଣ ରାଇ । ୯ ।
ଶୁଣିଣ ତକ୍ଷଣେ ବିଦୁର ଚଳି ଗଲେ
ନଗ୍ରେ ଘୋଷଣ ଦିଆଇ ସମସ୍ତ ରୁଣ୍ଡ କଲେ । ୧୦ ।
-------
୫ ଧୃତରାଷ୍ଟେ ପୁଛା କଲେ ଡାକି ସୋମଦତ୍ତ
ବାଲହିକ ବିଦୁର ରୁହାଇଣ ସମସ୍ତ ।

ସୁବର୍ଣ୍ଣର କଳସ ଖଞ୍ଜିଲେ ଦିବ୍ୟ ରତ୍ନ
ମୁକୁତାର ତ୍ରୋଣ ଲମ୍ବିତ ବିଚିତ୍ର ବିତପନ । ୧୧ ।
ବିଚିତ୍ର ସଭାୟେକ କଲେ ବିଦ୍ୟମାନ
ମିଳିଲେ ସଭାୟେ ଯେ କ୍ଷତ୍ରି ବଶ୍ୟ ବିପ୍ର ଜନ । ୧୨ ।
ନଗ୍ର ନର ନାରୀ ମିଳିଲେ ସମସ୍ତ
କୁମାରମାନେ ମିଳିଲେ କରେ ଅସ୍ତ୍ର ଶସ୍ତ୍ର । ୧୩ ।
ନାନା ବାଦ୍ୟ ବଜାଇଲେ କଲେ ଶଙ୍ଖଧ୍ୱନି
ପୁତ୍ର ଦେଖାଇଲେ ଯେ ଯାହାର ଶସ୍ତ୍ର ଘେନି । ୧୪ ।
ଦେଖି ସଭାଜନେ ହୋଇଲେ ଚମତ୍କାର
ୟେକକୁ ଆରେକ ଯେ ତେଜ ମହା ପରଖର । ୧୫ ।
ବିଦୁର କହନ୍ତେ ହାଦେ ଧୃତରାଷ୍ଟ ଜାଣି
ଜଣେ ଜଣେ ପ୍ରତି ସନ୍ତୋଷ ବଖାଣି । ୧୬ ।
ନାନା ଶସ୍ତ୍ର ବିଦ୍ୟା ଦେଖାଇଲେ ସର୍ବ
ସାଧୁ ସାଧୁ ଅର୍ଜୁନ ବୋଲି ନଗ୍ରେ ଶୁଭିଲା ୟେକ ରାବ । ୧୭ ।
ଭୀମ ଦ୍ରିଯୋଧନ ମେଲନ୍ତି ଗଦାଯୁଦ୍ଧ
ଅଶସ୍ତମା ଯାଇଂ କଲେ ମଧ୍ୟେଣ ବିରୋଧ । ୧୮ ।
ଅର୍ଜୁନ ଧନୁ ଆକ୍ରେଷି କଲା ଅଗ୍ନି ଶର
ପ୍ରଜ୍ୱଳିତ ବହନି ଉଠିଲା ବ୍ରହ୍ମାଣ୍ଡର । ୧୯ ।
ପୁଣ ବାରୁଣା ଶର କଲାକ ସର୍ବସାଚୀ
ପବନା ଶସ୍ତ୍ର ଘାୟେ ପ୍ରଖର ବହୁଅଛି । ୨୦ ।

ପବନାସ୍ତ୍ର ମେଘାସ୍ତ୍ର ବିଜୟାସ୍ତ୍ର ମାଳା
ମେଘା ଶସ୍ତ୍ରେ ପର୍ବତ ସ୍ରିଜଇ ଇନ୍ଦ୍ର ବଳା । ୨୧ ।
ଅନ୍ତର୍ଧ୍ୟାୟେ ହୋଇ ଚଳଇ ଶସ୍ତ୍ରଘାତ
କ୍ଷଣେ ରଥ କ୍ଷଣେ ଗଜ କ୍ଷଣେ ଅଶ୍ୱଗତ । ୨୨ ।
କ୍ଷଣେ ତୁରଙ୍ଗ ଗତ କ୍ଷଣେ ଭୂମିଗତ
ଲୁହା ଶରେକ ପୁଣ ପିନ୍ଧିଲା ଶର ଘାତ । ୨୩ ।
------
୧୪ ।୨  ଶହସ୍ର ଦେଖାନ୍ତି ଯେ ଯାହାର ତେଜ ଘେନି ।

ସଭାର ସମସ୍ତେ କରନ୍ତି ଧନି ଧନି
ସାଧୁ ସାଧୁ ଶସ୍ତ୍ର ବିନ୍ଧଇ ଫାଲଗୁନି । ୨୪ ।
ଦ୍ରିଯୋଧନ ବୋଇଲା ଅଶସ୍ତମାକୁ ରାଇ
ସମସ୍ତ ବିଦ୍ୟା ତ ଅଛି ତୋହୋର ତହିଂ । ୨୫ ।
ଶତେ ଭାଇ ଘେନି ହୋଇଲେ ପୁଣ କତି
ଦତ୍ୟ ବିନାଶନେ ଯେସନେକେ ପଶୁପତି । ୨୬ । ସଂଖ୍ୟା
ତଦନ୍ତରେ ପୁଣ କର୍ଣ୍ଣ ହୋଇଲାକ ଆସି
ବାଳଅର୍କ ଜାଣି ଶରୀର ଜ୍ୟୋତି ଦିଶି । ୨୭ ।
ଯେତେକ ଶର ଦେଖାଇଲା ବୀର ପାଥ
ତୁଲ ଶହସ୍ର କଲା ସେ ରାଧେବର ସୁତ । ୨୮ । ସଂଖ୍ୟା
ଦ୍ରିଯୋଧନ ଦେଖି ୟାଇଂ କଲା କୋଳାଗ୍ରତ
ଆଝୁଂଣ ସଖା ମୋତେ ହୋଇଲୁ ଭୋ ମୈତ୍ର । ୨୯ ।
ଅଙ୍ଗ ଦେଶ ରାଜ୍ୟ ତୁ ଭୁଞ୍ଜିବୁ ବିପୁଳ
କର୍ଣ୍ଣ ବୋଇଲା ତୁ ହୋ ଶୁଣ ମହୀପାଳ । ୩୦ ।
ଅର୍ଜୁନ ତୁଲେ କରାଅ ମୋତେ ଯୁଦ୍ଧ
ମୁଂ ତାହାକୁ ଜିଣି ପାରଇ ରଣ ମଧ୍ୟ । ୩୧ ।
କୃପ ଆଚାର୍ଯ୍ୟେ ବୋଇଲେ ଅର୍ଜୁନ ରାଜାର କୁମର
ସାରଥିର ତନୟେ ହୋଇ ୟେତେକ ଗର୍ବ ତୋହୋର । ୩୨ ।
ତୋହୋର ମାତା ପିତାକଇ କର ଯା ଅନୁମତ
ପଛେଣ ଯୁଦ୍ଧ କର ଅର୍ଜୁନ ସଙ୍ଗତ । ୩୩ ।
-------
୨୬ ଶତେ ଭାଇ ପୁଣ ହୋଇଲେ ଯାଇ କତି
ଦତ୍ୟ ବିନାଶନେ ଯେସନେକ ସୁରପତି ।
୨୭ ଶ୍ରବଣରେ କୁଣ୍ଡଳ ମୁକୁଟ ଶିରରେ ବିକାଶି
ସହଜେ ରତ୍ନ କୁଣ୍ଡଳ ପ୍ରକାଶି ।
୨୮ ଶୁଣିମ କର୍ଣ୍ଣ ଯେ ଲଜ୍ୟାୟେ ନିବର୍ତ୍ତିତ
ଘୁଞ୍ଚିଣ ରହିଲା ଯେ ରାଧେବର ସୁତ ।

ଶୁଣ କରି କର୍ଣ୍ଣ ଯେ ହୋଇଲା ନ୍ୟୁନପକ୍ଷ
ଦ୍ରିଯୋଧନ ତାହାକଇ ଆବୋରିଲା କଛ । ୩୪ ।
ଶୂରବନ୍ତ ଜନ କି ହୁଅନ୍ତି ଅକୁଳୀନ?
ଅର୍ଜୁନ ସରିକି କର୍ଣ୍ଣ ହୋଇଛି ଘଟଣ । ୩୫ ।
ଭୀମସେନ ବୋଇଲା ସାରଥିର ସୁତ
ରଥ ସେ ବାହିବ ଯୁଦ୍ଧ ନୋହଇ ଯୁଗତ । ୩୬ ।
ୟେଥୁ ଅନନ୍ତରେ ଆସ୍ଥାନ ମଉଳି
ଯେ ଯାହା ସ୍ଥାନକି ଗଲେ ସର୍ବେ ଚଳି । ୩୭ ।

ଦ୍ରୋଣ ଗୁରୁ ଚଳିଲେ ଆପଣା ଭୁବନେ
ଅନେକ ଦେଶ ଘୋଷ ପାଇଲେ ରତ୍ନ ଯାନେ । ୩୮ ।
ଶୁଣ ହୋ ରାଜନ ପୁଣ ହିଂ କରନ୍ତି ବିଦ୍ୟା ଉପାସନ
ମିଳିଣ ଦେଖନ୍ତି ନଗ୍ର ଜନମାନ । ୩୯ ।
ନାରାଜ ବିନ୍ଧିନ୍ତି ସେ ଲାଖେକ ଉଭାରି
ଯେ ଯାହାର ବଳ ଧନୁ ହସ୍ତେ ଧରି । ୪୦ ।
ଧନୁ ଧରି ନାରାଜ ବିନ୍ଧନ୍ତେ ଅଶସ୍ତମାର କ- ଇ ଭୁଜ
କର୍ଣ୍ଣର ଜାନୁ କ- ଇ ଧନୁରେ ନାରାଜ ବିନ୍ଧିଲେ
ଧୁଶାସନ ବୁକୁସ୍ଥଳ କ- ଇ ଧନୁ ଆକ୍ରେଷିଲେ । ୪୨ ।
ନାରାଜ ପୂରୋଇଲେ କୁମର ଯୁଝେଷ୍ଠି
ପବନ ଗତି ପ୍ରାୟେ କ- ଇ ଅଙ୍ଗୁଷ୍ଠି । ୪୩ ।
ଭୀଷ୍ମଙ୍କର କ- ଇ ଶିର ଦ୍ରୋଣଙ୍କର କ- ଇ ଭୁଜ
ନିକ- ଅର୍ଜନ ସେ ବାସେବର ଆତ୍ମଜ । ୪୪ ।
ତଦନ୍ତ କରିଣ ବୁଝିଲୁନି ସର୍ବ ତତୁ
ଯେହାଙ୍କର ହସ୍ତରେ ହୋଇବ ସବୁଙ୍କରି ମୃତୁ । ୪୫ ।

---------

୩୪ ଶୁଣି କର୍ଣ୍ଣ ଲଜ୍ଜାୟେ ନିରୁତ୍ତର
ଦ୍ରିଯୋଧନ ବୋଇଲା ସପକ୍ଷ ହୋଇଲା ମୋହୋର ।
୩୮ ।୨ ଅନେକ ଦେଶ ଘୋଷ ପାଇଲେ ହାଦେ ଦାନେ ।
୩୯ ।୧ ଶୁଣ ହୋ ରାଜନ ପୁଣ କରାନ୍ତି ବିଦ୍ୟା ଉପଦେଶମାନ ।
୩୯ ।୧ ଉପାସନା-ସେବା

ଯେକାନ୍ତ କରିଣ ରାଇଲେ ଦ୍ରୋଣେ ଆପଣାର ବଳା
ଯେଥି ଥିଲେ ନନ୍ଦନ ରେ ମରିବୁ, ବହନ ହୋଇ ପଳା । ୪୬ ।
ଯେବଣ ନାରାଜ ଗୋଟି ବାବୁ ରେ ବିନ୍ଧଇ ଫାଲଗୁନି
ସେ ନାରାଜ ମୁନେ ଦିଶଇ ବ୍ରହ୍ମାଣ୍ଡ ଖଣ୍ଡ ତିନି । ୪୭ । ସଂଖ୍ୟା
ଯେହେନେକ କରି ଯେହାକୁ ସ୍ରିଜିଲା ବିଧାତା
ତ୍ରିଲୋକ୍ୟେ ବ୍ରହ୍ମାଣ୍ଡେ ଯେହାକୁ ନାହିଂ ନା ଜିଣନ୍ତା । ୪୮ ।
ଅବଶ୍ୟ ଦ୍ରିଯୋଧନ ନ ଛାଡିବ ତୋତେ
ତୁ ପୁଣ ବଧ ହୋଇ ଟି ଅର୍ଜୁନର ହସ୍ତେ । ୪୯ ।
ପୁଣି ହିଂ ବିଦ୍ୟାମାନ ଯେ କରନ୍ତି ଆରମ୍ଭ
ବାଘମୁହିଂ ଛନ୍ଦା ଯେ ପାତିଲେ ଦ୍ୱାରେ ଦମ୍ଭ । ୫୦ ।
ପଞ୍ଚିଶ ସହସ୍ର ପିଟଣା ମୁଗୁରରେ ଲଗାଇ
କାଠ ଜଳା ଭିତରେ ଓଟାରନ୍ତି ସର୍ବେ ବୀରେ ଯାଇଂ । ୫୧ । ସଂଖ୍ୟା
ପ୍ରଥମେ ଦ୍ରିଯୋଧନ ଓଟାରଇ ସାତ ସହସ୍ର ବଳ
ଧୁଶାସନ ଓଟାରଇ ପାଞ୍ଚ ସହସ୍ର ବଳ । ୫୨ । ସଂଖ୍ୟା
କୃପେ ଚାରି ସହସ୍ର ଭୀଷ୍ମେ ପଞ୍ଚଶତ ତିରିଶ ସହସ୍ର ବଳ
ଦ୍ରୋଣେ ଓଟାରିଲେ ଚାଳିଶ ସହସ୍ର ପରିତାଳ । ୫୩ । ସଂଖ୍ୟା
ଯୁଝେଷ୍ଠି ଦେବ ଓଟାରନ୍ତି ତିରିଶି ସହସ୍ର ଗରୁ
ପଞ୍ଚାଶ ସହସ୍ର ଓଟାରନ୍ତି ବ୍ରିକୋଦର ଭୟାଙ୍କାରୁ । ୫୪ । ସଂଖ୍ୟା
କର୍ଣ୍ଣ ଓଟାରନ୍ତି ନଉ ସହସ୍ର ଭାର
ଅଶସ୍ତମା ଓଟାରନ୍ତି ଅଠୋସ୍ତରି ସହସ୍ର ପରିତାଳ ଭାର । ୫୫ । ସଂଖ୍ୟା
ସହଦେବ ଚାରି ସହସ୍ର ନକୁଳ ପଞ୍ଚତିରିଶ ବଳ
ଦ୍ରିଯୋଧନର ଅନେଶ୍ୱତ ଭ୍ରାଥ ଯେହି ରୁପେ ପରିତାଳ । ୫୬ । ସଂଖ୍ୟା
ଅର୍ଜୁନେ ଓଟାରନ୍ତି ସହସ୍ରେ ଲକ୍ଷେ ଭାର

ଦେଖି ଚମତ୍କାର ହୋଇଲେ ଦ୍ରୋଣେ ସମସ୍ତେ କୁରୁବୀର । ୫୭ । ସଂଖ୍ୟା
ଦ୍ରୋଣେ ଅଶ୍ଵତ୍ଥମାକୁ ଡାକିଲେ ସନ୍ନିଧ୍ୟର
ଜୀବନ ନିମନ୍ତେ ବାବୁ ଯେ ଧୂର୍ଜଟି ସେବା କର । ୫୮ ।
ପୁଣ୍ୟତୋୟା ନଦୀକୂଳେ ସରସ୍ୱତୀ କୂଳେ
ନିରଞ୍ଜନ ସୁମର ବାବୁ ଉଦେ ବଟ ତଳେ । ୫୯ ।
ଯେବେ ହସ୍ତିନାକୁ ଯିବାକୁ କରୁ ଇଛା
ଅମର ବର ତୁ ବାବୁ କର ମନ ବାଞ୍ଛା । ୬୦ ।
ଦ୍ରୋଣଙ୍କର ବଚନେ ଯେ ଚଳଇ ଅଶ୍ଵତ୍ଥମା
ତୁଲେଣ ମାତୁଳ ସେ ଚଳଇ କୃପ ବ୍ରହ୍ମା । ୬୧ ।
ପୁଣ୍ୟତୋୟା ନଦୀ ତୀରେ ରଞ୍ଚିଲେ ଆଶ୍ରମେ
ଅଜପା ଲୟେ କରି ଯେ ଚିନ୍ତିଲେ ଦେବ ବ୍ରହ୍ମେ । ୬୨ ।
ସରସ୍ୱତୀ ଯେ ସ୍ନାହାନ କରି ଯାନ୍ତି ଅନୁବ୍ରତେ
ଆହାର ତେଜ୍ୟା କଲେ ପଞ୍ଚଦଶ ବରଷ ପରିଯନ୍ତେ । ୬୩-୩୮୪୭ । ସଂଖ୍ୟା

-------

୫୯ ।୨ ନିରଞ୍ଜନ ସୁମର ବାବୁ ଉଦ୍ଦାଳକ ବଟ ମୂଳେ ।

୬୧ "କୃପ ବ୍ରହ୍ମା" ପଦ ପରେ ଗୋଟିଏ ପୋଥିରେ ଅଧିକା ପାଠ-
ଉତ୍ତରାଙ୍କୁରଠାରେ ନିରଞ୍ଜନ ଦାହି
ମଉଳା ଭଣଞ୍ଜା ବସିଲେ ନିପ୍ରୋହି ।
ଆଖଡା ସାରି ପୁରୁ ନବରେ ପରବେଶ
ଅର୍ଜୁନ ପ୍ରବେଶ ଯାଇ ମାତାଙ୍କର ପାଶ ।

*************